# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୬.୧୨.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ମହାମାୟା ସ୍ୱାଇଁ, ଚେୟାର୍‌ପରସନ୍,
୨. ସକିବା ମୁଶରତ୍,
୩. ଶ୍ରୀ ଆଶିଷ କୁମାର ପଟ୍ଟନାୟକ,
୪. ଶ୍ରୀମତୀ ପୂଜା ବେହେରା

ଅଦ୍ୟ ତା ୧୬.୧୨.୨୦୨୨ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ମହାମାୟା ସ୍ୱାଇଁ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ବାହାରେ ମଳତ୍ୟାଗ ବନ୍ଦ କରିବା ପାଇଁ ବିଜୁ ଆଦର୍ଶ ଯୋଜନାରେ Individual House Hold Latrine (IHHL) ପାଇଁ ଉପସ୍ଥାପିତ କରାଯାଇଥିବା ତଥ୍ୟରେ ମୋଟ ୧୪୧୨ ଗୋଟି ଦରଖାସ୍ତ ମଧ୍ୟରୁ ୯୨୯ ଗୋଟି ଦରଖାସ୍ତ ବିଭିନ୍ନ କାରଣରୁ ରଦ୍ଦ (Reject) କରାଯାଇଅଛି ବୋଲି ଦର୍ଶାଯାଇଅଛି । ଏତେ ସଂଖ୍ୟକ ଦରଖାସ୍ତ ରଦ୍ଦ କରାଯିବା ଦ୍ୱାରା Open defecation free ଯୋଜନା ସଫଳ ହେବା କଷ୍ଟକର, ତେଣୁ ସେହି ଦରଖାସ୍ତ ଗୁଡ଼ିକୁ ପୁନଃ ବିଚାର କରାଯାଇ Junior Sanitation Expert/ ୱାର୍ଡ଼ର Community Organizer ଏବଂ ୱାର୍ଡ଼ ଅଫିସରଙ୍କୁ ନେଇ ଏକ Technical Team ମାଧ୍ୟମରେ ସେଗୁଡ଼ିକ ଯାଂଚ/ ତଦାରଖ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯାଉ, ଯଦି କେଉଁଠାରେ ବ୍ୟକ୍ତିଗତ ପାଇଖାନା କରିବାର ଜାଗାର ଅସୁବିଧା ହୁଏ ତେବେ ସେଠାରେ Community Toilet/ Sharing Toilet କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ବସ୍ତିବାସିନ୍ଦା ମାନଙ୍କୁ Land Right Certificate ପ୍ରଦାନ କରିବା ନିମନ୍ତେ ଡ୍ରୋନ୍ ମାଧ୍ୟମରେ ସର୍ଭେ କରାଯାଉଅଛି । କେଉଁ ବସ୍ତି କେତେବେଳେ ସର୍ଭେ ହେଉଅଛି ତାହା ମାନନୀୟା ମେୟର, ଷ୍ଟାଣ୍ଡିଂ କମିଟିର ଚେୟାର୍‌ପରସନ୍ ଓ ସମ୍ପୃକ୍ତ ୱାର୍ଡ଼ର କର୍ପୋରେଟରଙ୍କୁ ଜଣାଯାଉନାହିଁ, ଫଳରେ ବିଭିନ୍ନ ଅସୁବିଧା ହେଉଅଛି, ତେଣୁ କୌଣସି ୱାର୍ଡ଼ର ଡ୍ରୋନ୍ ସର୍ଭେ କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ଭେର ଡ଼ିଟେଲ୍ ପ୍ରୋଗ୍ରାମ୍ ମାନନୀୟା ମେୟର, ଷ୍ଟାଣ୍ଡିଂ କମିଟିର ଚେୟାର୍‌ପରସନ୍ ଓ ସମ୍ପୃକ୍ତ ୱାର୍ଡ଼ କର୍ପୋରେଟରଙ୍କୁ ଜଣାଇବା ପାଇଁ ଉପ ଆୟୁକ୍ତ, ହାଉସିଂ ଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳର ବକ୍ସି ଜଗବନ୍ଧୁ ନଗରରେ ରାଜସ୍ୱ ଭବନ ନିର୍ମାଣ ହେବାକୁ ଥିବା ସ୍ଥାନ ନିକଟରେ ପାଂଚ ଗୋଟି ବସ୍ତି ଅଛି, ସେହି ଜାଗା ଖାଲି କରିବା ପାଇଁ ଆବଶ୍ୟକ ହେଉଥିବାରୁ ସେଠାରେ ବସବାସ କରୁଥିବା ବସ୍ତିବାସିନ୍ଦାଙ୍କୁ Affordable Housing Project ରେ ଥଇଥାନ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଜାଗା ମିଶନ ଯୋଜନାରେ ହେବାକୁ ଥିବା କାର୍ଯ୍ୟ ଗୁଡ଼ିକ SDA ମାନଙ୍କ ମାଧ୍ୟମରେ କରାଯାଉଅଛି, ସେମାନେ ଠିକ୍ ଭାବରେ କାର୍ଯ୍ୟ କରୁନାହାଁନ୍ତି, କର୍ପୋରେଟର ମାନଙ୍କୁ ମଧ୍ୟ ଜଣାଉନାହାଁନ୍ତି, ଫଳରେ ରାଜ୍ୟ ସରକାରଙ୍କ ଯୋଜନା ସଫଳ ହୋଇପାରୁନାହିଁ, ତେଣୁ କର୍ପୋରେଟରଙ୍କୁ SDA କମିଟିରେ ଚେୟାର୍‌ପରସନ୍ ରଖିବା ପାଇଁ ରାଜ୍ୟ ସରକାର ଜଣାଇଲେ ମଧ୍ୟ ସରକାର ଏପର୍ଯ୍ୟନ୍ତ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିନଥିବାରୁ ପୁନଃବାର ଏ ବିଷୟରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୩୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମହାମାୟା ସ୍ୱାଇଁ
ସଭାପତି
ତା ୧୬.୧୨.୨୦୨୨ ରିଖ